## ସଂକ୍ଷେପରେ

### ୫ ଅଙ୍ଗନୱାଡି ଗୃହ ଉଦ୍‌ଘାଟିତ

ରାମନାଗୁଡ଼ା,୨୨।୧୧(ଡି.ଏନ୍.ଏ.): ରାମନାଗୁଡା ବ୍ଲକର ବିଭିନ୍ନ ଗ୍ରାମରେ ୫ଟି ଆମ ଅଙ୍ଗନୱାଡି ଗୃହ ବ୍ଲକ ଅଧକ୍ଷା ରଜନୀ ମାଣ୍ଡାଙ୍ଗିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ବୋଗୁପାଡୁ ଗ୍ରାମର ଝାରସିଙ୍ଗଗୁଡା , ପେତାକାମ ପଞ୍ଚାୟତର ପାତ୍ରଗୁଡା, ଦାସରଡାଙ୍ଗଗୁଡା, ଡାଙ୍କଗୁଡା ଏବଂ ଉକାମ୍ବା ଗ୍ରାମପଞ୍ଚାୟତର ଢେପକୁଡିଆ ଗ୍ରାମରେ ଏହି ଗୃହ ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସରପଞ୍ଚ ବିଜୟ ମାଣ୍ଡାଙ୍ଗି, ସମ୍ବରା ଶବର, ବନମାଳୀ ଗମାଙ୍ଗ, ଗାୟତ୍ରୀ ମାଣ୍ଡାଙ୍ଗି, ଗୋସାଇଁ ଗୁଲୁମୁଣ୍ଡା , ଦେବୀ ନିମଳା, ସୁକାନ୍ତି ହୁଇକା, ଗୁଲୁଣ୍ଡି ସମିତି ସଭ୍ୟ ପ୍ରଶାନ୍ତ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶଥାଉକି, ଗୁରୁବାର ମୋଟ ୯ଟି ଅଙ୍ଗନୱାଡି ଗୃହର ମାରାଥନ ଉଦ୍‌ଘାଟନ ହେବାର ଥିଲା । ଜିଲାପାଳଙ୍କ ଦ୍ୱାରା ରାମଗିରି ଏବଂ ପୋଦାଲପଦର ଗୃହ ଉଦ୍‌ଘାଟନ ହୋଇଥାନ୍ତା । ସେହିପରି ଗୁମାଗୁଡା, ଖାମ୍ବାଗୁଡାଠାରେ ସ୍ଥାନୀୟ ବିଡିଓ ସୁଧାକର ରଇତଙ୍କ ଦ୍ୱାରା ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ଥିଲା । ଏସବୁ କାମରେ ସ୍ଥାନୀୟ ବିଧାୟକ କିମ୍ବା ଏମ୍‌ପିଙ୍କୁ ଅଣଦେଖା କରାଯାଇଥିବାରୁ ସ୍ଥାନୀୟ ଯୁବ ନେତାମାନେ ଏହାକୁ ବିରୋଧ କରିବାରୁ ଶେଷ ମୁହୂର୍ତ୍ତରେ ଜିଲାପାଳଙ୍କ ସମସ୍ତ କାର୍ଯ୍ୟକ୍ରମ ବାତିଲ କରାଯାଇଛି ।

### ଆଜିଠୁ ଗୁଣପୁର-ପୁରୀ ଟ୍ରେନ ଯିବ ପୁରୀ

ଗୁଣପୁର,୨୨।୧୧(ଡି.ଏନ.ଏ): ବ୍ରହ୍ମପୁର ନିକଟସ୍ଥ ଜଗନ୍ନାଥପୁର ରେଳ ଷ୍ଟେଶନ ନିକଟରେ ରେଳପଥ ମରାମତି ଯୋଗୁଁ ପ୍ରଥମ ପର୍ଯ୍ୟାୟରେ ଗୁଣପୁର-ପୁରୀ ପାସେଞ୍ଜର ଟ୍ରେନ ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୁଣପୁରରୁ ବ୍ରହ୍ମପୁର ପର୍ଯ୍ୟନ୍ତ ଚଳାଚଳ କରିଥିଲା । ରେଳ ବିଭାଗର ଏହି ପଦକ୍ଷେପ ଶ୍ରଦ୍ଧାଳୁଙ୍କୁ ଖୁବ ବ୍ୟଥିତ କରିଥିଲା । ପବିତ୍ର କାର୍ତ୍ତିକ ମାସର ପଞ୍ଚୁକ ଅବସରରେ ରେଳବିଭାଗର ଏପରି ପଦକ୍ଷେପକୁ ସାଧାରଣରେ ନିନ୍ଦା କରାଯାଇଥିଲା । ବହୁ ତୀର୍ଥଯାତ୍ରୀଙ୍କୁ ପୁରୀ ଯିବା ଲାଗି ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା । ଆନ୍ଧ୍ର ଓଡିଶା ରେଳ ବ୍ୟବାହିକ ସଂଘ ଆବାହକଡ.ସତ୍ୟ ପଣ୍ଡା ପୂର୍ବତଟ ରେଳପଥର ମହା ପ୍ରବନ୍ଧକଙ୍କୁ ଭେଟି ଲୋକଙ୍କ ସମସ୍ୟା ଜଣାଇଥିଲେ । ଶେଷରେ ରେଳ ବିଭାଗ ପୂର୍ବଭଳି ଗୁଣପୁରରୁ ପୁରୀକୁ ଟ୍ରେନ ଚଳାଚଳ କରିବ ବୋଲି ନିଷ୍ପତ୍ତି ନେଇଥିବା ଡ.ପଣ୍ଡା ସୂଚନା ଦେଇଛନ୍ତି । ୨୩ ତାରିଖରୁ ଟ୍ରେନ ଚଳାଚଳ କରିବ ବୋଲି ରେଳ ବିଭାଗ ପକ୍ଷରୁ ଜଣାଯାଇଛି ।

### କୀଟନାଶକ ଖାଇ ଛାତ୍ରୀଙ୍କ ଆତ୍ମହତ୍ୟା

ରାମନାଗୁଡ଼ା,୨୨।୧୧(ଡ଼ି.ଏନ.ଏ): ରାମନାଗୁଡ଼ା ବ୍ଲକ ନିଲାମଗୁଡ଼ା ପଞ୍ଚାୟତର ମଝିଗୁଡ଼ା ଗ୍ରାମରେ ଜଣେ କଲେଜ ଛାତ୍ରୀ କୀଟନାଶକ ଖାଇ ଆତ୍ମହତ୍ୟା କରିଛନ୍ତି । ସେ ହେଲେ ବନ୍ଦନା ଶବର(୨୧) । କୌଣସି କାରଣକୁ ନେଇ ସେ ଗତ ୧୯ ତାରିଖ ରାତିରେ କୀଟନାଶକ ଖାଇ ଦେଇଥିଲେ । ରାତି ୧୨ଟାରେ ତାଙ୍କ ବାପା ଅର୍ଜୁନ ଶବର ଦେଖି ସଙ୍ଗେ ସଙ୍ଗେ ତାଙ୍କୁ ଗୁରୁତର ଅବସ୍ଥାରେ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ।

### ବୈଷ୍ଣବ ପରିଡ଼ାଙ୍କ ବିୟୋଗରେ ଶୋକସଭା

ମୁନିଗୁଡ଼ା,୨୨।୧୧(ଡ଼ି.ଏନ.ଏ): ପୂର୍ବତନ ରାଜ୍ୟସଭା ସଦସ୍ୟ ବୈଷ୍ଣବ ପରିଡ଼ାଙ୍କ ବିୟୋଗରେ ମୁନିଗୁଡ଼ା ତହସିଲ ସଦର ମହକୁମା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ଗୁରୁବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଭାଷା ସୁରକ୍ଷା ସମ୍ମିଳନୀ ଜିଲା ସଭାପତି ଗୌରାଙ୍ଗଚରଣ ରାଉତଙ୍କ ଆହ୍ୱାନକ୍ରମେ ଏବଂ ଉତ୍ତମ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିବିଶେଷ,ଜନପ୍ରତିନିଧି, ଭାଷା ସାହିତ୍ୟ ଅନୁରାଗୀ, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପୋଲିସ ଉପ ଆରକ୍ଷୀ ଅଧୀକ୍ଷକ ଚନ୍ଦ୍ରଶେଖର ହୋତା, ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ବେହେରା, ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ହୃଷୀକେଶ ଜାଲି, ଜାମି ମହେଶ, ଭୋଳାନାଥ ଦୁବେ,ଗରିବ ଗରଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ଉଦ୍‌ଘାଟନ ହେଲା ଜିଲାସ୍ତରୀୟ ଶିଶୁ ମହୋତ୍ସବ

# ଲୁକ୍କାୟିତ ପ୍ରତିଭା ଚିହ୍ନାଇବ ସର୍ଗିଫୁଲ

ରାୟଗଡା ଅଫିସ, ୨୨।୧୧



ଆୟୋଜିତ ଉତ୍ସବରେ ଉପସ୍ଥିତ ଅତିଥି ।

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ତରଫରୁ ସ୍ଥାନୀୟ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସର୍ଗିଫୁଲ-୨୦୧୮ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ କୋରାପୁଟ ଏମପି ଝିନ୍ନ ହିକ୍‌କା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜ୍ଞାନ ମେଳା ଓ ଆନ୍ତଃବିଦ୍ୟାଳୟ ଭଲିବଲ ଚାମ୍ପିୟନଶିପର ଉଦ୍‌ଘାଟନ କରିଥିଲେ । ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲୁଚି ରହିଥିବା ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ସହ ସେମାନଙ୍କୁ ଜିଲାସ୍ତରରୁ ରାଜ୍ୟ ଏବଂ ଜାତୀୟ ସ୍ତରରେ ପହଞ୍ଚାଇ ସେମାନଙ୍କ ସଫଳତାକୁ ଅନ୍ୟ ଛାତ୍ରୀଛାତ୍ରମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ନେଇ ସେ କହିଥିଲେ । ଏହି ସର୍ଗିଫୁଲ କାର୍ଯ୍ୟକ୍ରମରେ ମୋଟ ୧୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ବିଜ୍ଞାନ ମେଳାରେ ୩୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସେହିପରି ୧୪ଟି ଭଲିବଲ ଦଳ ଭାଗ ନେଇଛନ୍ତି । ଏଥିସହ ଫଟୋ ପ୍ରଦର୍ଶନୀ, ଦଳଗତ ନୃତ୍ୟ, ଏକକ ନୃତ୍ୟ, ଏକକ ଅଭିନୟ, ଯନ୍ତ୍ରବାଦନ, ସଂଗୀତ ,ସାଧାରଣ ଜ୍ଞାନ,ଗଣିତ ଜ୍ଞାନ, ତର୍କ,ବକ୍ତୃତା,ଚିତ୍ରକଳା,ସୃଜନାତ୍ମକ ଲିଖନ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ କରାଯିବ । କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ଉଦ୍‌ଘାଟନୀ ଉତ୍ସବରେ ବିଷମକଟକ ବିଧାୟକ ଜଗନ୍ନାଥ ସାରକା, ରାୟଗଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ, ପୁଟାସିଂ ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ କୃପାସିନ୍ଧୁ ବେହେରା,ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଅଧକ୍ଷ ସନ୍ତୋଷ କୁମାର ପାତ୍ର ସମ୍ମାନିତ ଅତିଥି , ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଅଧକ୍ଷ ଜଗନ୍ନାଥ ନୃଣ୍ଡୁକା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ ପୌରୋହିତ୍ୟ କରିଥିବା ବେଳେ ଶିକ୍ଷକ ସଞ୍ଜୟ ବେହେରା,ଗୋପୀନାଥ ପରିଚ୍ଛା, ଏସ.ଏନ.ମିଶ୍ର, ବେଣୁଧର ଚୌଧୁରୀ ପରିଚାଳନାରେ ସହଯୋଗ କରିଥିଲେ ।


ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲରେ ଛାତ୍ରୀମାନେ ସାଧବବୋହୂ ବେଶରେ ସଜ୍ଜିତ ହୋଇ ଡଙ୍ଗା ଭସାଉଛନ୍ତି ।


ଫଟୋ ପ୍ରଦର୍ଶନୀକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

## ଲକ୍ଷ୍ମଣଙ୍କ ଦେଶପ୍ରେମ ଏ ଜାତିର ଗର୍ବ

ରାୟଗଡା ଅଫିସ,୨୨।୧୧

ରାୟଗଡା ଜିଲା ପ୍ରଶାସନ ତରଫରୁ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୧୮ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳ ୮ଟାରେ ଜିଲାପାଳ ଗୁହା ପୁନମ ତାପସ କୁମାର ରାୟଗଡା ସହରର ଶାସ୍ତ୍ରୀନଗର ଛକଠାରେ ଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଶାସ୍ତ୍ରୀନଗରର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସାଧାରଣ ସଭାରେ ଜିଲାପାଳ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଉପରେ କହିଥିଲେ । କୋରାପୁଟ ଜିଲାରେ ଭାରତ ଛାଡ ଆନ୍ଦୋଳନର ବୀରତ୍ୱ ସାଜିଥିବା ଆଦିବାସୀ ବୀର ଲକ୍ଷ୍ମଣ ନାୟକଙ୍କ ଅସାଧାରଣ ଦେଶପ୍ରେମ,ଅଦ୍ୟମ ସାହସ ଓ ଅସୀମ ତ୍ୟାଗ ଏ ଜାତି ପାଇଁ ଗର୍ବ ଓ ଗୌରବ । ସେ ଦେଖିଥିବା ସ୍ୱାଧୀନ ଭାରତର ସ୍ୱପ୍ନ ସାକାର ହୋଇପାରିଛି ବୋଲି କହିଥିଲେ । ସେହିପରି ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ସୂର୍ଯ୍ୟ ନାରାୟଣ ତ୍ରିପାଠୀ, ଶିକ୍ଷକ ପ୍ରଭୁଦତ୍ତ ଶିବ ପ୍ରସାଦ ମହାନ୍ତି ଓ ଛାତ୍ର ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଏକ ଫଟୋ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଏହାକୁ ଗାନ୍ଧୀବାଦୀ ନେତା ଜୟରାମ ଜେନା ଶୁଭାରମ୍ଭ କରିଥିଲେ । ଏଥିରେ ରାୟଗଡା ଜିଲା ସହ ଓଡିଶାର ସମସ୍ତ ପର୍ଯ୍ୟଟନସ୍ଥଳୀ ପ୍ରଦର୍ଶିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ପ୍ରବୀର କୁମାର ନାୟକ, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବାରିହା, ଶେଖ୍ ଅଲିନୁର, ଶିବଦତ୍ତ ମହାନ୍ତି, ବି. କାନ୍ତାରାଓ, କେଦାରନାଥ ପଣ୍ଡା, ବାସୁଦେବ ପାତ୍ର, ପୌରାଞ୍ଚଳ ନିର୍ବାହୀ ଅଧିକାରୀ ମଙ୍ଗେଲାଲ ଜୈନ, ଦୋରା କୋଣ୍ଡାଗରୀ, ଜି.ସି.ଡି.ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଆଶାଲତା ଉପସ୍ଥିତ ରହିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ । ଏବିଡିଓ ନୃସିଂହଚରଣ ପଟ୍ଟନାୟକ ସଂଯୋଜନା କରିଥିଲେ । ଶେଷରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପି.ଗୌରୀଶ୍ୱେରୀ ଧନ୍ୟବାଦ ଦେଇଥିଲେ ।

## ଜିପିଏସ୍‌ରେ ବୋଇତ ବନ୍ଦାଣ ଉତ୍ସବ

ଗୁଣପୁର,୨୨।୧୧(ଡି.ଏନ.ଏ)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାର ଅବ୍ୟବହିତ ପୂର୍ବରୁ ରାୟଗଡା ଜିଲା ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲଠାରେ ଗୁରୁବାର ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏଥିଲାଗି ଛାତ୍ରୀଛାତ୍ରମାନେ ସାଧବ ବୋହୂ ଏବଂ ପୁଅ ବେଶରେ ସଜ୍ଜିତ ହୋଇ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ପାଳନ କରିଥିଲେ । ସୁସଜ୍ଜିତ ବୋଇତ ନିକଟରେ ଉତ୍କଳୀୟ ପରମ୍ପରା ଅନୁସାରେ ବୋଇତ ବନ୍ଦାଣ କରିବା ସହ ସାଧବ ବୋହୂମାନେ ପୁଅମାନଙ୍କୁ ଚନ୍ଦନ ଦେଇଥିଲେ । ଏହାକୁ ନାଟକ ମାଧ୍ୟମରେ ପିଲାମାନେ ପରିବେଷଣ କରିଥିଲେ । ବିଦ୍ୟାଳୟର ପ୍ରିନ୍ସିପାଲ ପ୍ରଶାନ୍ତ କୁମାର ପଣ୍ଡା, ସିଟି କ୍ୟାମ୍ପସ ମୁଖ୍ୟ ମହେଶ୍ୱତା ନାୟକ ଏବଂ ଅବଦୁଲ କଲାମ ହାଉସ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ଜଣେ ଛାତ୍ରୀ ରକ୍ତଦାନ କରୁଛନ୍ତି ।

ରାୟଗଡା ଅଫିସ୍, ୨୨।୧୧

ଗୁରୁବାର ୫୭ତମ ଜାତୀୟ ଫାର୍ମାସୀ ସପ୍ତାହ ଅବସରରେ ସେଞ୍ଚୁରିୟନ୍ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟର ଫାର୍ମାସୀ ବିଭାଗ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟର ରେଡ୍‌କ୍ରସ୍ ରକ୍ତ ଭଣ୍ଡାରର ପ୍ରମୁଖ ଡାକ୍ତର ଏସ୍.ଏ.ମାଜିଜ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଫାର୍ମାସୀ ବିଭାଗ ଅଧକ୍ଷ ଡା. ନିତ୍ୟାନନ୍ଦ ସାହୁ, ଯୁକ୍ତଦୁଇ ଓ ଯୁକ୍ତତିନି ପାଠ୍ୟକ୍ରମ ଅଧକ୍ଷା ଡା. ଚନ୍ଦନା ଅଧିକାରୀ ଏବଂ ପ୍ରଶାସନିକ ଅଧିକାରୀ କୃଷ୍ଣପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ । ବିଶ୍ୱ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧାପିକାଅଧାପକ ଏବଂ ଅଣଶିକ୍ଷକମାନେ ମଧ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏଥିରେ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଅଧାପକ ନୀହାର ରଞ୍ଜନ କର, ଲାଡି ଅଲିକ୍ କୁମାର, ଦୀପଙ୍କର ରଥ ଏବଂ ରାୟଗଡା ମୁଖ୍ୟ ଚିକିତ୍ସାଳୟର ସମସ୍ତ ରେଡ୍‌କ୍ରସ୍ କର୍ମଚାରୀ ସହଯୋଗ କରିଥିଲେ ।

## ମୋ ସ୍କୁଲ ଅଭିଯାନର ସଚେତନତା କାର୍ଯ୍ୟକ୍ରମ

ରାୟଗଡ଼ା ଅଫିସ,୨୨।୧୧

ସ୍ଥାନୀୟ ପିଣ୍ଡାପଦରର ସରକାରୀ ଉଚ୍ଚ ବିଦ୍ୟାଳୟ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୋଲନରା ବିଆରସିସି ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବୃନ୍ଦାବନ ମାରାଣ୍ଡି ମୁଖ୍ୟଅତିଥି, ଜେକେ କାଗଜକଳ ସହକାରୀ ପ୍ରବନ୍ଧକ ହରିହର ଖମାରୀ, ହଳଧର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ । ପଲିଥିନ ବ୍ୟବହାରର କୁପ୍ରଭାବ ଓ ଶୌଚାଳୟ ବ୍ୟବହାର ବିଷୟରେ ଅତିଥିମାନେ ଉପସ୍ଥିତ ଗ୍ରାମବାସୀଙ୍କୁ ସଚେତନ କରିଥିଲେ । ଶିକ୍ଷକ ଦାରୁବ୍ରହ୍ମ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ପୁରାତନ ଛାତ୍ର ଗଙ୍ଗା ମାଣ୍ଡାଙ୍ଗି, ରଞ୍ଜିତା କାଡ୍ରାକା, ଅଞ୍ଜୁ ହିକ୍‌କା, ମୁନି କାଡ୍ରାକା ସହଯୋଗ କରିଥିଲେ । ସିଆରସିସି ଅମିତ୍ କୁମାର କରକରିଆ, ସୁବାସ ଚନ୍ଦ୍ର ପାଲଟାସିଂ ଓ ଭାସ୍କର ଚନ୍ଦ୍ର ବାରିକ ମଞ୍ଚାସୀନ ଥିଲେ ।



ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ

ଗୁଣପୁର,୨୨।୧୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଶହୀଦ ଲକ୍ଷ୍ମଣ ନାୟକ ମେମୋରିଆଲ ହାଇସ୍କୁଲରେ ଗୁରୁବାର ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଆୟୋଜିତ ସଭାରେ ଶିକ୍ଷକ ସୁରେନ୍ଦ୍ର ମଲିକ, ବିଭୂତିଭୂଷଣ କୁଲଦୀପ, ଶିକ୍ଷୟିତ୍ରୀ ରାଜେଶ୍ୱରୀ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଶଙ୍କର୍ଷଣ ମହାନ୍ତି, ଶିବ ପ୍ରସାଦ ମିଶ୍ର ଏବଂ କର୍ମଚାରୀ ଗୌରୀଶଙ୍କର ପଣ୍ଡା, ବଦ୍ରିନାଥ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


ଗୁଣପୁର ଶହୀଦ ଲକ୍ଷ୍ମଣ ନାୟକ ମେମୋରିଆଲ ହାଇସ୍କୁଲରେ ଆୟୋଜିତ ଜୟନ୍ତୀରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ।

## ଗରିବଙ୍କୁ ଶୀତବସ୍ତ୍ର ବଣ୍ଟନ

ମୁନିଗୁଡ଼ା,୨୨।୧୧(ଡ଼ି.ଏନ.ଏ)

ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଅବସରରେ ମୁନିଗୁଡ଼ାର ଯୁବଗୋଷ୍ଠୀ ହେଲ୍‌ପି ହ୍ୟାଣ୍ଡ୍‌ସ କ୍ଲବ ତରଫରୁ ଗରିବଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି । କ୍ଲବ ସଭାପତି ବାଦଲ କୁମାର ବେହେରାଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟମାନେ ଷ୍ଟେଶନ, ସ୍ୱାସ୍ଥ୍ୟକେନ୍ଦ୍ର ଓ ବିଭିନ୍ନ ଛକରେ ଥିବା ଗରିବ ଓ ବାସହୀନଙ୍କୁ ଏହା ବଣ୍ଟନ କରିଥିଲେ । କ୍ଲବର ରାଜାରାମ ଗୋପାଲ, ସୁନୀଲ ପଣ୍ଡା, ଗୁଡ଼୍‌ଲା ବଂଶୀ, ରାକେଶ ବେହେରା,କିରନ ଦାସ,ବୃନ୍ଦାବନ ସାହୁ, ଶୁକ୍ରୁ ମାଝି,ଚିଣ୍ଟୁ ଦାସ, ଦୁଷ୍ମନ୍ତ ସାହୁ, ସାଗର ସୁବୁଦ୍ଧିଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ ।



ଜଣେ ବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଉଛି ।

## ବିଶ୍ରାମାଗାର ନିର୍ମାଣ ନେଇ ବିବାଦ

# ୨ ଥର ଦିଆଗଲା ଶୁଭ, ଆଗଉନି କାମ

ପଦ୍ମପୁର, ୨୨।୧୧ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ସୁନାରିଘାଇ ଛକଠାରେ ଏକ ବିଶ୍ରାମାଗାର ନିର୍ମାଣ ନେଇ ଗତ ମାର୍ଚ୍ଚ ୮ ତାରିଖରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । ଜିଲାପାଳ, ରାଜ୍ୟସଭା ସଦସ୍ୟ, ଏମ୍‌ପି, ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଅଥଚ ଗତ ୧୫ ଦିନ ତଳେ ପୁଣି ଥରେ ଏହି କାମ ଲାଗି ଶୁଭ ଦିଆଯାଇଛି । ୨ ଥର ଶୁଭ ଦିଆଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କାମ ଆଗେଇ ପାରିନାହିଁ । ଏହାର ନିର୍ମାଣ ନେଇ ଏବେ ପ୍ରଶାସନ ଓ ରାଜନୈତିକ ନେତୃବୃନ୍ଦଙ୍କ ମଧ୍ୟରେ ଚାଲିଛି ଛକାପଞ୍ଝା, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ପଦ୍ମପୁର ବ୍ଲକର ସୁନାରିଘାଇ ଛକଠାରେ ଏକ ବିଶ୍ରାମାଗାର ନିର୍ମାଣ କରାଯିବ । ଏଥିଲାଗି ଜିଲା ପରିଷଦ ପାଣ୍ଠିରୁ ୩,୭୫.୦୦୦ ଓ ସମିତି ସଭ୍ୟ ପାଣ୍ଠିରୁ ୧,୪୬,୫୧୪ ଟଙ୍କା ଏଭଳି ମୋଟ ୫,୨୧,୫୧୪ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଜିଲା ପରିଷଦ ସଭ୍ୟ (କ)ର ନେତ୍ରାନନ୍ଦ କୈବର୍ତ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ପଦ୍ମପୁରର କଣ୍ଟ୍ରାକ୍ଟର ଦେବେନ୍ଦ୍ର ପାଢ଼ୀଙ୍କୁ ଅନୁମତି ଦେଇଥିଲେ । କାମ ଆରମ୍ଭ ପୂର୍ବରୁ କିଛି ବ୍ୟକ୍ତି ଏହାକୁ ବିରୋଧ କରିବାରୁ କାମ ଅଟକି ରହିଲା । ୧୫ ଦିନ ତଳେ ଅନ୍ୟ ଜଣେ କଣ୍ଟ୍ରାକ୍ଟର ବଳରାମ ସାହୁଙ୍କୁ ଉକ୍ତ କାମ ଦିଆଯାଇଛି । ହେଲେ ତାଙ୍କୁ ମଧ ବିରୋଧ କରାଯାଉଛି । ଦୀର୍ଘ ୯ ମାସ ତଳେ ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ତତ୍କାଳୀନ ବିଡ଼ିଓ ମୌସୁମୀ ନାୟକ ଓ ସେତେବେଳର ତହସିଲଦାର ଟି. ପଦ୍ମନାଭ ଦୋରା ଉପସ୍ଥିତ ଥିଲେ । ଗତ ୭ ତାରିଖରେ ଉକ୍ତ କାମ ଲାଗି ନୂତନ ବିଡ଼ିଓ ଅଗସ୍ତି ପ୍ରଧାନ, ବ୍ଲକ ଯନ୍ତ୍ରୀ ହରିକୃଷ୍ଣ ପଣ୍ଡା, କନିଷ୍ଠ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ, ସ୍ଥାନୀୟ ସରପଞ୍ଚ ପୁଣ୍ୟାବଳୀ ମାଣ୍ଡାଙ୍ଗିଙ୍କ ଉପସ୍ଥିତିରେ ସେହି ସ୍ଥାନରେ ପୁଣି ଶୁଭ ଦିଆଯାଇଛି । ତେବେ କେଉଁ କାରଣରୁ କାର୍ଯ୍ୟ ଅଟକି ଯାଇଛି ବୋଲି ଜିଲା ପରିଷଦ ସଭ୍ୟ (କ)ଙ୍କୁ ପଚାରିବାରୁ, ବିବାଦୀୟ ପରିସ୍ଥିତିରୁ କାର୍ଯ୍ୟ ଅଟକୁଛି । ଆବଶ୍ୟକସ୍ଥଳେ ପୋଲିସର ସହାୟତା ନିଆଯାଇ କାମ କରାଯିବ ବୋଲି କହିଛନ୍ତି । ତେବେ ଏଭଳି ବିବାଦୀୟ କାର୍ଯ୍ୟ ସମ୍ପର୍କରେ ସମିତି ସଭ୍ୟ ବିଦ୍ୟାଧର ଗୌଡ଼ଙ୍କୁ ପଚାରିବାରୁ, ଏହି କାର୍ଯ୍ୟର ଅବହେଳା ପାଇଁ ସେ ପ୍ରତ୍ୟକ୍ଷ ଭାବେ ବ୍ଲକ ପ୍ରଶାସନକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ବିଡ଼ିଓ ଓ ଯନ୍ତ୍ରୀଙ୍କ ଅବହେଳାକୁ ସେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇବେ ବୋଲି କହିଛନ୍ତି । ସ୍ଥାନୀୟ ଯନ୍ତ୍ରୀ ହରିକୃଷ୍ଣ ପଣ୍ଡା କୁହନ୍ତି , ଏହା ଡିପାର୍ଟମେଣ୍ଟର କାମ । କିଛି ରାଜନୈତିକ ବିବାଦ କାରଣରୁ କାମ ଅଟକିଛି । ତହସିଲ ତରଫରୁ ସ୍ଥାନର ନକ୍ସା ପ୍ରସ୍ତୁତ ସରିଛି ବୋଲି କହିଛନ୍ତି । ବିଡ଼ିଓ ଅଗସ୍ତି ପ୍ରଧାନଙ୍କୁ ପଚାରିବାରୁ , ମୁଁ ନୂତନ ଭାବେ ଦାୟିତ୍ୱ ନେଇଛି । ମୋ ପୂର୍ବରୁ କ'ଣ ହୋଇଛି, ମୁଁ କହିପାରିବି ନାହିଁ । ୨ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରାଯିବ । ଏଥିଲାଗି ନକ୍ସା ମଧ ପ୍ରସ୍ତୁତ ସରିଛି ଓ ଗ୍ରାମବାସୀଙ୍କୁ ଡକାଇ ସମ୍ମତି ହୋଇଛି ବୋଲି କହିଛନ୍ତି ।



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ।
- ରବର୍ଟ ବର୍ଟନ

## ସଂକ୍ଷେପରେ

### ଚୋର ଠେଙ୍ଗାମାଡ଼ରେ ଦମ୍ପତି ଆହତ

ଜୟପୁର,୨୨। ୧୧(ଡି.ଏନ୍.ଏ.): ଜୟପୁର ସହରରେ ଚୋରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। କିନ୍ତୁ ଏହାକୁ ରୋକିବାରେ ପୋଲିସ ବିଫଳ ହେଉଛି। ଗୁରୁବାର ପୁଣିଥରେ ଏକ ଚୋରି ଘଟଣା ଘଟିଛି। ଭୋର ସାଢ଼େ ୪ଟାରେ ନୂଆସାହି ୨ୟ ଲାଇନର ଗୋଟିଏ ଘରେ ଚୋର ପଶିଥିଲା। ଗୃହକର୍ତ୍ତା ତଥା ଅବସରପ୍ରାପ୍ତ ଅବକାରୀ ଏସ୍ଆଇ ରାମକୃଷ୍ଣ ପଟନାୟକ (୬୫) ଓ ସ୍ତ୍ରୀ କୁନ୍ତଳା (୬୦) ନିଦରୁ ଉଠିପଡ଼ିବା ପରେ ଚୋର ଓ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଚୋରର ଠେଙ୍ଗା ମାଡ଼ କରି ସେଠାରୁ ଖସିଯାଇଥିଲା। ଆକ୍ରମଣରେ ରାମଙ୍କ ଡାହାଣ ହାତରେ ଆଘାତ ଲାଗିଥିବା ବେଳେ କୁନ୍ତଳାଙ୍କ ଡାହାଣ ହାତର ଆଙ୍ଗୁଠି ହାଡ଼ ଭାଙ୍ଗିଯାଇଛି। ପରିବାରର ଅନ୍ୟମାନେ ପରେ ନିଦରୁ ଉଠି ରାମ ଓ କୁନ୍ତଳାଙ୍କୁ ଜୟପୁର ଜିଲା ଚିକିତ୍ସାଳୟ ଓ ସେଠାରୁ କୋରାପୁଟ ମେଡିକାଲ କଲେଜ ନେଇଥିଲେ। ରାମଙ୍କ ପୁଅ ଜୟପୁର ଟାଉନଥାନାରେ ଏନେଇ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### କୋର୍ଟରେ ହାଜର ହେଲେ ବିଧାୟକ

ଜୟପୁର,୨୨।୧୧(ନି.ପ୍ର./ଡି.ଏନ୍.ଏ.): ୨୦୧୨ରେ ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ଜିଲା ବନ୍ଦ ଡାକରା ଦେଇ ରାସ୍ତାରୋକୋ କରାଯାଇଥିଲା। ଏନେଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସହ ୧୫ ଜଣ କଂଗ୍ରେସ କର୍ମୀ ଓ ନେତାଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଜିଲା ବନ୍ଦ ତଥା ରାସ୍ତାରୋକୋ ଯୋଗୁଁ ସାଧାରଣ ଜନତା ହଇରାଣ ହୋଇଥିଲେ। ଏଥିରେ ସମସ୍ତ ସାକ୍ଷ୍ୟ ଶେଷ ହୋଇଥିବା ବେଳେ ମାମଲା ଆଧାରରେ ଏସ୍‌ଡିଜେଏମ୍ ଦୁବାସା ଦୁର୍ଗାଙ୍କ ନିକଟରେ ଗୁରୁବାର ବିଧାୟକ ଓ ୧୫ ଜଣ କର୍ମୀ ଓ ନେତା ହାଜର ହୋଇ ପକ୍ଷ ରଖିଥିବା ଆଇନଜୀବୀ ନାନାଜୀ ଆଚାରୀ ସୂଚନା ଦେଇଛନ୍ତି।

### ଅସ୍ତ୍ରୋପଚାର କକ୍ଷରୁ ଖୋଲିଲା ତାଲା

କୋରାପୁଟ,୨୨।୧୧(ସ୍ୱ.ପ୍ର.): ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲର କ୍ଷୁଦ୍ର ଅସ୍ତ୍ରୋପଚାର କକ୍ଷରେ ତାଲା ପଡ଼ିଥିବା ଖବର ଗୁରୁବାର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମେଡିକାଲ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ତାଲା ଖୋଲିଛି। ବର୍ତ୍ତମାନ ଏହି କେନ୍ଦ୍ରର ପରିଚାଳନା ପାଇଁ ଜଣେ ଭାରପ୍ରାପ୍ତ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏନେଇ ମେଡିକାଲକୁ ଆସୁଥିବା ରୋଗୀଙ୍କ ସଂପର୍କୀୟ ଆଶ୍ୱସ୍ତ ହୋଇଛନ୍ତି। ଜିଲାପାଳଙ୍କ ପରାମର୍ଶ କ୍ରମେ ମେଡିକାଲ କଲେଜର ଡିନ କୃଷ୍ଣଚନ୍ଦ୍ର ବିଶ୍ୱାଳ ଏହି କ୍ଷୁଦ୍ର ଅସ୍ତ୍ରୋପଚାର କେନ୍ଦ୍ରକୁ ତୁରନ୍ତ ଖୋଲିବା ପାଇଁ ହସପିଟାଲ ଅଧୀକ୍ଷକ କ୍ଷେତ୍ରବାସୀ ସୁବୁଦ୍ଧିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇ ଅସ୍ତ୍ରୋପଚାର କକ୍ଷରୁ ତାଲା ଖୋଲାଯାଇଛି।

### ଗାଡ଼ି ଯାଞ୍ଚ, ଜରିମାନା ଆଦାୟ

ଜୟପୁର,୨୨।୧୧(ନି.ପ୍ର.): ଜୟପୁର ପୋଲିସ ଦ୍ୱାରା ଗୁରୁବାର ସଦର ଥାନା ସମ୍ମୁଖରେ ଗାଡି ଯାଞ୍ଚ କରାଯାଇଛି। ମୋଟ ୧୮୫ ଗାଡ଼ି ଯାଞ୍ଚ କରାଯାଇ ୫୦ ହଜାର ୧ ଶହ ଟଙ୍କା ଜରିମାନା ଆଦାୟ ହୋଇଥିବା ବେଳେ ଏହି ଯାଞ୍ଚ ସମୟରେ ବେନିୟମ ଭାବେ ବାଲି ଚାଲାଣ କରୁଥିବା ଟ୍ରାକ୍ଟର ମଧ ଜବତ ହୋଇଛି। ପରେ ଏହାକୁ ରାଜସ୍ୱ ବିଭାଗକୁ ହସ୍ତାନ୍ତର କରାଯାଇଛି। ୮ ଜଣ ବାଇକ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବା ପାଇଁ ଆର୍‌ଟିଓଙ୍କୁ ଅବଗତ କରାଯାଇଥିବା ସଦର ଥାନା ଅଧିକାରୀ କୈଳାସ ସେଠୀ କହିଛନ୍ତି।

■ ଗ୍ରାମ୍ୟ ନିର୍ମାଣ ବିଭାଗର ଉଦାସୀନତା

# ଅଧାରେ ପଡ଼ିଛି କୋଟିଏ ଟଙ୍କାର ମେଡିକାଲ ଷ୍ଟାଫ୍ କ୍ୱାର୍ଟର

ବୈପାରୀଗୁଡ଼ା,୨୨।୧୧(ଡି.ଏନ୍.ଏ.)

୮ ବର୍ଷ ତଳେ ବୈପାରୀଗୁଡ଼ା ମୁଖ୍ୟଛକ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏଠାରୁ ପ୍ରାୟ ୧ କିମି ଦୂର ବୈପାରୀଗୁଡ଼ା-ଗୁମ୍ମା ରାସ୍ତାପାର୍ଶ୍ୱସ୍ଥ ନୂଆ ବିଲ୍ଡିଂକୁ ସ୍ଥାନାନ୍ତର କରାଯାଇଥିଲା। ୩ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ରହିବା ପାଇଁ ୧୧ଟି କ୍ୱାର୍ଟର ନିର୍ମାଣ ଦାୟିତ୍ୱ ନେଇଥିଲା ଗ୍ରାମ୍ୟ ନିର୍ମାଣ ବିଭାଗ। ବିଭାଗୀୟ ଉଦାସୀନତା ପାଇଁ ପ୍ରାୟ ୧ କୋଟି ଟଙ୍କା ଅଟ୍ଟକଳରେ ଆରମ୍ଭ ହୋଇଥିବା କ୍ୱାର୍ଟର ନିର୍ମାଣ କାମ ଏବେ ଅଧାରେ ପଡ଼ିଛି।

୨ ବର୍ଷ ତଳୁ କୋଠା କାମ ସରିଯାଇଥିବା ବେଳେ ଠିକାଦାର ମଧ ବିଲ୍ ପାଇସାରିଲେଣି। କିନ୍ତୁ ଏଯାବତ୍ କ୍ୱାର୍ଟରଗୁଡ଼ିକର ବିଦ୍ୟୁତିକରଣ କିମ୍ବା ସେଠିକୁ ପାଇପ୍ ପାଣି ସୁବିଧା ହୋଇନାହିଁ। ଫଳରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଏହା ହସ୍ତାନ୍ତର କରାଯାଉ ନାହିଁ। ଫଳରେ ଡାକ୍ତର ଓ କର୍ମଚାରୀ ଦୂରରେ ଭଡ଼ାଘରେ ରହୁଛନ୍ତି। ଜରୁରୀ ସମୟରେ ଡାକ୍ତରଙ୍କୁ ପାଇବା ସମ୍ଭବ ହେଉନାହିଁ। ଅନ୍ୟପକ୍ଷରେ ନବ ନିର୍ମିତ ଷ୍ଟାଫ୍ କ୍ୱାର୍ଟର ଏବେ ଭୂତକୋଠି ପାଲଟିଛି। ଗ୍ରାମ୍ୟ ନିର୍ମାଣ ଏସ୍‌ଡିଓ ଏ.ସି. ହୋତାଙ୍କୁ ପଚାରିବାରୁ ସେ କହିଥିଲେ, କନଷ୍ଟ୍ରକ୍ସନ କାମ ସରିଯାଇଛି। ପାଣି ପାଇପ୍ କାମ ଓ ବିଦ୍ୟୁତିକରଣ ପାଇଁ ଅନ୍ୟ ୨ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ସେମାନେ କାମରେ ବିଳମ୍ବ କରୁଥିବା ଅଭିଯୋଗକୁ ସେ ସ୍ୱୀକାର କରିଥିଲେ। ଅପରପକ୍ଷେ ବିଭିନ୍ନ ନିର୍ମାଣ କାମରେ ବିଭାଗ ଦ୍ୱାରା ଅନିୟମିତତା ହେଉଥିବା ଠିକାଦାର ଅଭିଯୋଗ କରିଛନ୍ତି। ନିୟମ ଅନୁସାରେ ଟେଣ୍ଡର ବେଳେ ପାଇପ୍ କାମ ଓ ବିଦ୍ୟୁତିକରଣ ଅଟ୍ଟକଳରେ ସାମିଲ ହେବ। କିନ୍ତୁ ଏହାକୁ ଅଲଗା କରାଯାଇ ପରେ ବିନା ଟେଣ୍ଡରରେ ବାହାର ଠିକାଦାରଙ୍କ ସହ କାମ କରାଯାଉଛି।



ଭୂତକୋଠି ପାଲଟିଛି ବୈପାରୀଗୁଡ଼ା ମେଡିକାଲ ଷ୍ଟାଫ କ୍ୱାର୍ଟର।

### ଏସ୍‌ଡିଓଙ୍କ ନବନିର୍ମିତ କାର୍ଯ୍ୟାଳୟରେ ଝୁଲୁଛି ତାଲା

ବୈପାରୀଗୁଡ଼ା ବ୍ଲକରେ ବିଭିନ୍ନ ସରକାରୀ ସଂସ୍ଥାର ବଡ଼ବଡ଼ କୋଠାଘର କାମ ଗ୍ରାମ୍ୟ ନିର୍ମାଣ ବିଭାଗ କରୁଛି। କିନ୍ତୁ ସେହି ବିଭାଗର ଏସ୍‌ଡିଓଙ୍କ କାର୍ଯ୍ୟାଳୟ କାଗଜ କଲମରେ ଚାଲିଛି। ୫ ବର୍ଷ ତଳେ ବୈପାରୀଗୁଡ଼ା ବ୍ଲକ ନୂତନ ଭାବେ ସବ୍‌ଡିଭିଜନ ମାନ୍ୟତା ପାଇଥିଲା। ୨ ବର୍ଷ ତଳେ ଉକ୍ତ ବିଭାଗର ଏସ୍‌ଡିଓଙ୍କ କାର୍ଯ୍ୟାଳୟ ଗୃହ ସଂପୂର୍ଣ୍ଣ ହୋଇଥିବା ବେଳେ ଫଳକ ମଧ ଲାଗିଛି। କିନ୍ତୁ ଏଯାବତ୍ ତାହା କାର୍ଯ୍ୟକାରୀ ହେଉନାହିଁ। ଉକ୍ତ ଅଫିସ୍‌ରେ ଏସ୍‌ଡିଓଙ୍କ ସମେତ ୩ ଜଣ କନିଷ୍ଠ ଯନ୍ତ୍ରୀ, ୨ ଜଣ କିରାଣି ଓ ଚପରାସିଙ୍କୁ ମଧ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ରହିବା ପାଇଁ କ୍ୱାର୍ଟର ବ୍ୟବସ୍ଥା ହୋଇଛି। ବିଡ଼ମ୍ବନା, ବୈପାରୀଗୁଡ଼ା ସବ୍‌ଡିଭିଜନ ନାଁରେ ଏସ୍‌ଡିଓଙ୍କ କାର୍ଯ୍ୟାଳୟ କୋରାପୁଟ ଡିଭିଜନ ଅଫିସରେ ଚାଲୁଛି। କର୍ମଚାରୀମାନେ ଜୟପୁର ସହରରେ ରହୁଥିବା ବେଳେ କୋରାପୁଟ ଡିଭିଜନ ଅଫିସ୍‌କୁ ଗଲେ ସେମାନଙ୍କ ଭେଟ ମିଳୁନାହିଁ। ବହୁ ସମୟରେ ସେମାନଙ୍କୁ କଲ୍ କଲେ ମଧ ଫୋନ୍ ଉଠାଉ ନ ଥିବା ଠିକାଦାର ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବରୁ କାମ ନିର୍ଦ୍ଧାରିତ ସମୟରେ ସରୁନାହିଁ।

# ଜନ୍ମମାଟିରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ବୈପାରୀଗୁଡ଼ା,୨୨।୧୧(ଡି.ଏନ୍.ଏ.)

ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମମାଟି ବୈପାରୀଗୁଡ଼ା ବ୍ଲକ ତେନ୍ତୁଳିଗୁମ୍ମାରେ ଗୁରୁବାର ଶହୀଦଙ୍କ ଜୟନ୍ତୀ ପାଳିତ ହୋଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଫୁଲ୍ଲ ପାଙ୍ଗି, ଆଇଟିଡିଏ ପିଏ ମୃତ୍ୟୁଞ୍ଜୟ ପାଙ୍ଗି, ବିଡିଓ ସୁବାସ ଚନ୍ଦ୍ର ସିଂ, ବ୍ଲକ ଉପାଧ୍ୟକ୍ଷ ତ୍ରିଲୋଚନ ଜେନା, ପୂର୍ବତନ ବିଧାୟକ ରଘୁନାଥ ପଡାଲ ଓ ସିଡିପିଓ ସୁରମା ମହାପାତ୍ର ଯୋଗ ଦେଇଥିଲେ। ଜୟନ୍ତୀ ସଭାରେ ଗାଁ ମୁଖିଆ ନନ୍ଦ ପୂଜାରୀ ଓ ଲକ୍ଷ୍ମଣ ନାୟକଙ୍କ ସଂପର୍କୀୟ ମଧୁ ନାୟକ ତେନ୍ତୁଳିଗୁମ୍ମାର ରାସ୍ତା, ବିଦ୍ୟୁତ, ସ୍କୁଲରେ ଶିକ୍ଷକ ସମସ୍ୟା ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପଞ୍ଚାୟତର ଉନ୍ନତି ପାଇଁ ଅଧିକ ଧ୍ୟାନ ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ସଭାରେ ୧୭ ଜଣ ହିତାଧିକାରୀଙ୍କୁ ଭତ୍ତାକାର୍ଡ଼ ଦିଆଯାଇଥିଲା। ଛାତ୍ରୀଛାତ୍ରଙ୍କୁ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ସ୍ୱରୂପ ବେହେରା ଓ ଗ୍ରାମ ରୋଜଗାର ସେବକ ଅବିନାଶ ପାତ୍ର କାର୍ଯ୍ୟକ୍ରମରେ ସହାୟତା କରିଥିଲେ।



ତେନ୍ତୁଳିଗୁମ୍ମାରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ଅତିଥିମାନେ।

ସେହିପରି ବୈପାରୀଗୁଡ଼ା ସ୍ଥିତ ବିକାଶ ମଞ୍ଚ ସଭାପତି ରାମଚନ୍ଦ୍ର ଦୋରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ଦେଶିଆ ପତ୍ରିକାର ସଂପାଦକ ରଞ୍ଜନ ମହୁରିଆ, ଗୁପ୍ତଚନ୍ଦ୍ର ନାୟକ, ପୂର୍ବତନ ସରପଞ୍ଚ ବଳରାମ ନାୟକ, କାମାକ୍ଷା ପ୍ରସାଦ ମାଝି, ଗୋପାଳ ନାୟକ, ରଜତ ବାଗ୍, ଖଗପତି ସଗରିଆ ବକ୍ତବ୍ୟ ରଖିଥିଲେ। ଅଭିମନ୍ୟୁ ରଗଡି ସଭା ପରିଚାଳନା ଓ ଜଗବନ୍ଧୁ ମାଣ୍ଡି ଧନ୍ୟବାଦ ଦେଇଥିଲେ। ସେହିପରି ଶହୀଦ ଲକ୍ଷ୍ମଣ ନାୟକ କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ କୁମୁଦ ରଞ୍ଜନ ମହାରଣା ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

### ମାର୍କେଟ କମ୍ପ୍ଲେକ୍ସ ଜାଗାକୁ ଲିଜ୍ ନେଇ ଏତଲା

ଜୟପୁର,୨୨।୧୧(ନି.ପ୍ର.):

ଜୟପୁର ଟାଉନ ଥାନାରେ ନିର୍ଭୟ ଟ୍ରଷ୍ଟର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ ଏତଲା ଦେଇ ଦେବୋତ୍ତର ଅଧିକାରୀ ଓ ଉପଦେଷ୍ଟା କମିଟି ସଦସ୍ୟଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିବା ପାଇଁ ନିବେଦନ କରିଛନ୍ତି। ଜୟପୁର ପାର୍କ ଲାଇନର ଦକ୍ଷିଣ ପଟ ତଥା ଉତ୍କଳ ଗ୍ରାମ୍ୟବ୍ୟାଙ୍କ ସଂଲଗ୍ନ ୩୦ ଫୁଟ ଓସାର ଏବଂ ୫୦ ଫୁଟ ଲମ୍ବା ସ୍ଥାନକୁ ଜଣେ ବ୍ୟକ୍ତିଙ୍କୁ ଅତି ସ୍ୱଳ୍ପ ମୂଲ୍ୟରେ ଲିଜ୍ ଦିଆଯାଇଛି। ଏହି ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶୁଭ ଦେଇଥିଲେ। କିନ୍ତୁ ଏବେ ଏହି ସ୍ଥାନଟିକୁ ଲିଜରେ ଦେବା ପାଇ ଲାଞ୍ଚ କାରବାର ହୋଇଥିବା ସେ ଅଭିଯୋଗ କରିଛନ୍ତି। ରାଜ୍ୟ ଦେବୋତ୍ତର କମିଶନରଙ୍କ ଚିଠି ଅନୁସାରେ ଗଠିତ ଉପଦେଷ୍ଟା କମିଟିର କାର୍ଯ୍ୟକାଳ ୨ ବର୍ଷ ଥିଲା। ୧୭ ଫେବୃୟାରୀ ୨୦୧୬ରେ ଏହାର କାର୍ଯ୍ୟକାଳ ସାରିବା ପରେ ଦେବୋତ୍ତର ବିଭାଗ ଅଧ୍ୟକ୍ଷ ଏବଂ ଉପଦେଷ୍ଟା କମିଟି ସଭ୍ୟଙ୍କ ଏବେ କୌଣସି କ୍ଷମତା ନାହିଁ। ଏହାସତ୍ତ୍ୱେ ସେମାନେ ଦେବୋତ୍ତର ବିଭାଗ ଭୂସମ୍ପତ୍ତିର ଦୁରୁପଯୋଗ କରିଥିବା ଅଧ୍ୟକ୍ଷ ସାହୁ ଏତଲାରେ ଦର୍ଶାଇଛନ୍ତି। ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି କହିଛନ୍ତି, ଅଭିଯୋଗ ଆସିଛି। ତାହାର ତର୍ଜମା କରାଯାଉଛି।

# ଅଧାରେ ଅଟକିଛି ଅଙ୍ଗନୱାଡ଼ି କେନ୍ଦ୍ର

ଦଶମନ୍ତପୁର,୨୨।୧୧(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ମୋକାକୋନ୍ ଗ୍ରାମରେ ୨୦୧୩-୧୪ରେ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଏକ ଅଟ୍ଟାଳିକା ପାଇଁ ବ୍ୟବସ୍ଥା ହୋଇଥିଲା। କିନ୍ତୁ ୫ ବର୍ଷ ପରେ ଏହା ଅଧାରେ ଅଟକିଛି। 'ଅଟକଳ ମୂଲ୍ୟ ଥିଲା ୫ ଲକ୍ଷ ଟଙ୍କା। ସେଥିରୁ ମୁଁ ଫାଉଣ୍ଡେସନ କରି ୧ ଲକ୍ଷ ୬୩ ହଜାର ଟଙ୍କା ବିଲ୍ ପାଇଥିବା ବେଳେ ଆଉ କାର୍ଯ୍ୟ ନକରି କନିଷ୍ଠ ଯନ୍ତ୍ରୀଙ୍କୁ କହି ଛାଡ଼ିଦେଇଛି' ବୋଲି ଠିକାଦାର ଅଭି ଦିଶାରୀ କହିଛନ୍ତି। ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀ ଅନ୍ୟ ଠିକାଦାରଙ୍କୁ ଦାୟିତ୍ୱ ଦେଇଥିବା ବେଳେ ଗ୍ରୁପ୍ ଲେଭଲ କାର୍ଯ୍ୟକରି ପ୍ରାପ୍ୟ ଅର୍ଥ ପାଇ ନ ଥିବାରୁ କାମ ଆଗକୁ ବଢ଼ିନାହିଁ ବୋଲି ଗ୍ରାମର ଭାଗିରଥୀ ଦିଶାରୀ, ତୁମନାଥ ମୁଦୁଲି, ପୀତ ଦିଶାରୀ, ଡମ୍ବୁ ଜାନି, ଫକୀର ଦିଶାରୀ, କଇତା ମୁଦୁଲି କହିଛନ୍ତି। ୩୦ ଜଣ ଶିଶୁ କାହା ଘର ବାରଣ୍ଡାରେ ତ କେବେ ବିଦ୍ୟାଳୟରେ ବସୁଛନ୍ତି। ବାରଣ୍ଡାରେ ପିଲାଙ୍କୁ ଖାଦ୍ୟ ଦିଆଯାଉଥିବା ପାଚିକା ଚମ୍ପା ମୁଦୁଲି କହିଛନ୍ତି। ଗୃହର ବଳକା ଅର୍ଥ ହଡ଼ପ କରାଯାଇଥିବା ସନ୍ଦେହ କରୁଛନ୍ତି ଗ୍ରାମବାସୀ। ତୁରନ୍ତ କାମ ନସାରିଲେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସହକାରୀ ଯନ୍ତ୍ରୀ ଦାଶରଥୀ ମୁର୍ମୁ କହିଛନ୍ତି, ୨ ଦିନରେ କାର୍ଯ୍ୟ ଆରମ୍ଭ କରିବି।



ଅର୍ଦ୍ଧନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ର ଆଗରେ ଗ୍ରାମବାସୀ।

■ କୋରାପୁଟ ଫେରିବା ପରେ ସଗରିଆଙ୍କ ବୟାନ

# ମୋ' ଇସ୍ତଫା ଗୌଣ କରିବା ପାଇଁ ଚେଷ୍ଟା କରିଛନ୍ତି ଦଳୀୟ ବିଧାୟକ

କୋରାପୁଟ,୨୨।୧୧(ସ୍ୱ.ପ୍ର.)

ରାଜ୍ୟରେ ଦଳିତମାନଙ୍କୁ ଉପଯୁକ୍ତ ସାମାଜିକ ନ୍ୟାୟ ପ୍ରଦାନ ଦିଗରେ ମୁ କାର୍ଯ୍ୟ କରିବି। ନିଜ ପଦରୁ ଇସ୍ତଫା ଦେଇ ଗୁରୁବାର କୋରାପୁଟରେ ପହଞ୍ଚିଥିବା କୃଷ୍ଣଚନ୍ଦ୍ର ସଗରିଆ ଏହା କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଗତ ୩୦ ତାରିଖ ଭୁବନେଶ୍ୱରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁନ୍ଦୁଲି ପୀଡ଼ିତାଙ୍କୁ ନ୍ୟାୟ ନ ମିଳିବାରୁ ମୋ ବିବେକ ଅନୁଯାୟୀ ମୁଁ ବିଧାୟକ ପଦବୀରୁ ଇସ୍ତଫା ଦେଇଥିଲି। ମୋର ଇସ୍ତଫାକୁ ଗୌଣ କରିବା ପାଇଁ କଂଗ୍ରେସର କେତେକ ବିଧାୟକ ଚେଷ୍ଟା କରୁଛନ୍ତି। ମୁଁ ଏହାର ନିନ୍ଦା କରୁଛି। ମୋର ଇସ୍ତଫା ରାଜ୍ୟରେ ଥିବା ବିଜେଡି ସରକାରଙ୍କ ବିରୋଧରେ। ଜଣେ ନାବାଳିକାକୁ ସରକାର ନ୍ୟାୟ ଦେଲେନାହିଁ ବୋଲି କହିଛନ୍ତି ସଗରିଆ। ଅନ୍ୟପକ୍ଷରେ ଏ ପ୍ରସଙ୍ଗରେ କଂଗ୍ରେସର ବରିଷ୍ଠ ବିଧାୟକ ରାଜ୍ୟ ସରକାରଙ୍କୁ ସୁରକ୍ଷା ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ସଗରିଆ। ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କର ଭିତିରି ବୁଝାମଣା ରହିଥିବା ସେ କହିଛନ୍ତି। କୋରାପୁଟ ଫେରିବା ଅବସରରେ ତାଙ୍କୁ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ରୁପକ କୁମାର ତୁରୁକଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।




'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମରେ ଅତିଥିମାନେ।

# 'ଏକ ଭାରତ ଶ୍ରେଷ୍ଠ ଭାରତ' ୨ୟ ପର୍ଯ୍ୟାୟ ଆରମ୍ଭ

କୋରାପୁଟ,୨୨।୧୧(ସ୍ୱ.ପ୍ର.)

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଉଦ୍‌ଘାଟିତ ହୋଇଛି। ସୁନାବେଡ଼ାସ୍ଥିତ ହାଲ୍ ଭଞ୍ଜ ମଣ୍ଡପରେ ଆୟୋଜିତ ଉତ୍ସବରେ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଏହାର ଶୁଭାରମ୍ଭ କରି କହିଛନ୍ତି, ଭାରତ ପାଇଁ ମହାନତାର ଅର୍ଥ ହେଉଛି ବିବିଧତା ଭିତରେ ଏକତା। ଅନ୍ୟତମ ଅତିଥି ଭାତଖଣ୍ଡେ ସଙ୍ଗୀତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ରୁତି ସାଡୋଲିକାର କାଟ୍‌କର ମହାରାଷ୍ଟ୍ରର ସଙ୍ଗୀତ ଓ ଲୋକଗୀତର ବ୍ୟାଖ୍ୟା କରି କହିଥିଲେ, ସଙ୍ଗୀତ ଶିଖିବା ପାଇଁ ଭାଷା ଜରୁରୀ, କିନ୍ତୁ ସଙ୍ଗୀତ ମାଧ୍ୟମରେ ଭାଷା ଶିକ୍ଷା ଅତି ସହଜ। ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବେ ହାଲ୍ କାର୍ଯ୍ୟକାରୀ ନିର୍ଦ୍ଦେଶକ ଦେବାଶିଷ ଦେବ, ୱାର୍ଦ୍ଧା ସ୍ଥିତ ମହାତ୍ମା ଗାନ୍ଧୀ ଅନ୍ତର୍ଜାତୀୟ ହିନ୍ଦୀ ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ସହ ପ୍ରାଧ୍ୟାପକ ଡ. ସନ୍ଦୀପ ସପକାଲେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଶରତ ପାଲିତା, ପ୍ରଫେସର କିଶୋର ଚନ୍ଦ୍ର ରାଉତ, ଗଣ ଯୋଗାଯୋଗ ବିଭାଗର ସୌରଭ ଗୁପ୍ତା ଉପସ୍ଥିତ ଥିଲେ।



ଆର୍ଥିକ ସ୍ୱାକ୍ଷରତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

କୋଟପାଡ଼,୨୨।୧୧(ଡି.ଏନ୍.ଏ.)

କୋଟପାଡ଼ ବଡ଼ାସନା ପଞ୍ଚାୟତ ରାଜୀବ ଗାନ୍ଧୀ ସଭାଗୃହରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପଞ୍ଚାୟତର ଶତାଧିକ ମହିଳା ପୁରୁଷ ଯୋଗଦେଇ ନିଜର ବାର୍ଷିକ ଆୟ ମଧ୍ୟରୁ କିଛି ଅର୍ଥ କିଭଳି ବ୍ୟାଙ୍କଖାତା ଜରିଆରେ ସଞ୍ଚୟ କରିପାରିବେ, ସେନେଇ ଆଲୋଚନା ହୋଇଥିଲା। ଏଥିରେ ପରିବାର ସଦସ୍ୟ କିପରି ଲାଭ ଉଠାଇପାରିବେ, ସେନେଇ ଆକ୍ସିସ ବ୍ୟାଙ୍କ ମ୍ୟାନେଜର ଅଶ୍ୱିନୀ କୁମାର ଦାସ ବୁଝାଇଥିଲେ। ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଡିଓ ଅୟସକାନ୍ତ ମହାପାତ୍ର ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ପାର୍ବତୀ ଅମାନତ୍ୟ, ବ୍ୟାଙ୍କ କର୍ମଚାରୀ ଅନନ୍ତ ଚରଣ ସ୍ୱାଇଁ, ପଞ୍ଚାୟତ ଅଧିକାରୀ ଜୟଦାସ ମାଝି ଉପସ୍ଥିତ ଥିଲେ।

# ସ୍ମୃତିପଟରେ ଝଲସିଲେ ଶହୀଦ ଲକ୍ଷ୍ମଣ ନାୟକ

କୋରାପୁଟ/ଜୟପୁର, ୨୨।୧୧(ସ୍ୱ.ପ୍ର./ଡି.ଏନ୍.ଏ.)

ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୧୯ତମ ଜୟନ୍ତୀ ଗୁରବାର କୋରାପୁଟରେ ପାଳିତ ହୋଇଛି। ସ୍ଥାନୀୟ ବସଷ୍ଟାଣ୍ଡ ସ୍ଥିତ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଉପଜିଲାପାଳ ଲଳିତ କହଁର, ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, ପୂର୍ବତନ ବିଧାୟକ ନିମାଇଁ ସରକାର, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ରୁପକ ତୁରୁକ, ଜିଲା ଭାଜପା ସଭାପତି ବିଜୟ ମିଶ୍ର, ଜିଲା ସ୍ମାରକୀ କମିଟି ସଭ୍ୟ ରାଜକିଶୋର ସାମନ୍ତରାୟ, ରମା ଶର୍ମା, ଭବାନି ଶଙ୍କର ମିଶ୍ର, ଅଧ୍ୟାପକ ରବି ଶତପଥୀ ଉପସ୍ଥିତ ଥିଲେ। ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ। ସେହିପରି ଜୟପୁର ପୁରାତନ ଚିକିତ୍ସାଳୟ ସମ୍ମୁଖସ୍ଥ ପ୍ରତିମୂର୍ତ୍ତିରେ ଉପଜିଲାପାଳ ଲୋକନାଥ ଦଳବେହେରା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ପୀତବାସ ବିଶ୍ୱାଳ ଉପସ୍ଥିତ ଥିଲେ।

# କ୍ଷତିଗ୍ରସ୍ତ ଚାଷଜମି ଅନୁଧ୍ୟାନ କଲା ଭାଜପା କୃଷକ ମୋର୍ଚ୍ଚା

କୁନ୍ଦୁରା,୨୨।୧୧(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶି ପଞ୍ଚାୟତର ପ୍ରଧାନୀପୁଟ, ଶୁଣ୍ଡିଗୁଡ଼ା, ସମରଥଗୁଡ଼ା, ମୁସଲଜବା ଏବଂ ଫୁପୁଗାଁ ପଞ୍ଚାୟତର ସଦର ଓ ଯୁବାପାତ୍ରପୁଟ ଅଞ୍ଚଳରେ ଚାଷୀ ଫସଲ ପୋଡ଼ିଥିଲେ। ଏହି ଘଟଣାରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଗୁରୁବାର କ୍ଷତିଗ୍ରସ୍ତ ଚାଷଜମି ପରିଦର୍ଶନ କରିଛି। ମୋର୍ଚ୍ଚା ସମ୍ପାଦକ ସୁମନ୍ତ ପ୍ରଧାନ, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି, ଜିଲା ଭାଜପା ସଭାପତି ବିଜୟ ମିଶ୍ର, କୁନ୍ଦୁରା ବ୍ଲକ ଭାଜପା ସଭାପତି ଅମ୍ବୁ ପାତ୍ର, ପ୍ରମୋଦ ପଟ୍ଟନାୟକ, ବ୍ଲକ ଯୁବ ମୋର୍ଚ୍ଚା ସଭାପତି ସୁମିତ ସାହୁ ଏହି ଅଞ୍ଚଳରେ ପହଞ୍ଚିଥିଲେ। ଚାଷୀଙ୍କ ଧାନ ପୋଲା ହୋଇଯିବା ପରେ ସେମାନେ ବ୍ୟତିବ୍ୟସ୍ତ ହୋଇ ଅମଳ ହେବାକୁ ଥିବା କ୍ଷେତରେ ନିଆଁ ଲଗାଇବାକୁ ବାଧ୍ୟ ହୋଇଛନ୍ତି ବୋଲି ସୁଦାମ ସାହୁ, ରସୁ ପିଡିଆ, ଅର୍ଜୁନ ପରଜା, ମାଣିକ ହରିଜନ, ଧାକ ମାଳି କହିଛନ୍ତି। କୁନ୍ଦୁରା ବ୍ଲକଠାରେ ରହିଥିବା କୋଲାବ, କୁର୍ଲି ଓ ବିରି ନଦୀ ଉପରେ ଓଡ଼ିଶା ଉଠା ଜଳସେଚନ ପ୍ରକଳ୍ପର ୧୫୯ ମୋଟର ଦ୍ୱାରା ବିଭିନ୍ନ ସ୍ଥାନରେ ଚାଷୀ ପାଣି ଉଠାଇ ଚାଷ କରୁଥିଲେ ମଧ ଚଳିତ ବର୍ଷ କିଛି ସ୍ଥାନରେ ଉଠା ଜଳସେଚନ ନଥିବା ଯୋଗୁ ମରୁଡ଼ି ସ୍ଥିତି ହୋଇଛି। ଅନ୍ୟପକ୍ଷରେ କୃଷି କାର୍ଯ୍ୟାଳୟରୁ ଚକଡ଼ା ରୋଗ ପାଇଁ ଔଷଧ ଆଣି ଜମିରେ ସିଞ୍ଚନ କଲେ ମଧ ରୋଗପୋକ କମୁ ନଥିବା ଚାଷୀମାନେ ଭାଜପା ପ୍ରତିନିଧି ଦଳକୁ କହିଛନ୍ତି। ବ୍ଲକ କୃଷି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବୁରୁଡ଼ି କୁନ୍ଦୁରାରେ ରହୁନଥିବା ଯୋଗୁ ଚାଷୀଙ୍କ ସମସ୍ୟା ସମାଧାନ ହୋଇପାରୁ ନାହିଁ। ଭାଜପା ନେତା ଅନୁପ ପାତ୍ର ଏହାର ନିନ୍ଦା କରିଛନ୍ତି। ଗତ ୧୨ ତାରିଖ 'ଧରିତ୍ରୀ'ରେ ଏନେଇ ଖବର ପ୍ରକାଶ ପରେ ଗ୍ରାମ୍ୟ କୃଷି ଅଧିକାରୀ ଏବଂ ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ କିଛି ଅଞ୍ଚଳର କ୍ଷୟକ୍ଷତି ଆକଳନ କରିଥିବା ତହସିଲଦାର ଭିକ୍ଟର ସୋରେନ କହିଥିଲେ। କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି ମଧ ପ୍ରଶାସନ ସହ ଆଲୋଚନା କରି କ୍ଷତିପୂରଣ ଦିଆଯିବ ବୋଲି କହିଥିଲେ। କିନ୍ତୁ ଗୁରୁବାର ଭାଜପା ପ୍ରତିନିଧି ଦଳକୁ ଚାଷୀ କହିଛନ୍ତି ଯେ କୁନ୍ଦୁରା ବ୍ଲକରେ ଖରିପ ଫସଲ ପ୍ରାୟ ୪୦୦ ଏକରରୁ ଉର୍ଦ୍ଧ୍ୱ ଜମି ବର୍ଷାଭାବ ଯୋଗୁ ଏବଂ ଚକଡ଼ା ରୋଗ ଯୋଗୁ ନଷ୍ଟ ହୋଇଛି। ରାଜସ୍ୱ ଓ କୃଷି ବିଭାଗ ଏଯାବତ୍ ୨୦/୩୦ ଏକର ବୋଲି ଆକଳନ କରିଛି। ମୋର୍ଚ୍ଚା ସମ୍ପାଦକ ସୁମନ୍ତ ପ୍ରଧାନ ତହସିଲଦାରଙ୍କ ସହ ଫୋନ୍‌ରେ କଥାହୋଇ ତୁରନ୍ତ କ୍ଷୟକ୍ଷତି ଆକଳନ ସହ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ଦାବି ଜଣାଇଥିଲେ।



ଚାଷଜମି ଅନୁଧ୍ୟାନ କରୁଛନ୍ତି ଭାଜପା କୃଷକ ମୋର୍ଚ୍ଚା ପ୍ରତିନିଧି ଦଳ।

## ସଂକ୍ଷେପରେ

### କମ୍ପ୍ୟୁଟର ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ




ମାଥିଲି, ୨୨।୧୧ (ଡି.ଏନ୍.ଏ.) - ମାଲକାନଗିରି ଜିଲା ମାଥିଲି ବ୍ଲକସ୍ଥିତ ସହଜ ଜନସେବା କେନ୍ଦ୍ର ପରିସରରେ ଗୁରୁବାର ନେହେରୁ ଯୁବକେନ୍ଦ୍ର ପକ୍ଷରୁ କମ୍ପ୍ୟୁଟର ତାଲିମ ନେଉଥିବା ୨୫ଜଣ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ମାଲକାନଗିରି ଅଧାପକ ରଞ୍ଜନ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ମାଥିଲି ସରପଞ୍ଚ ଗୌରୀ ବଟେ, ନେହେରୁ ଯୁବକେନ୍ଦ୍ରର ସନ୍ତୋଷ ପାତ୍ର, ସହଜ ଜନସେବା କେନ୍ଦ୍ରର ଟଙ୍କଧର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଏହି ପ୍ରମାଣପତ୍ର ବଣ୍ଟନ କରିଥିଲେ। ୩ ମାସ ଧରି ମାଥିଲି ବ୍ଲକର ଛାତ୍ରୀଛାତ୍ରମାନେ ଏହି କମ୍ପ୍ୟୁଟର ଶିକ୍ଷା ଉପରେ ତାଲିମ ନେଉଥିଲେ।

### ବଣ୍ଡାଘାଟିରେ ଆମ ଜଙ୍ଗଲ ଯୋଜନା ବୈଠକ

ଗୋବିନ୍ଦପାଲୀ, ୨୨।୧୧-ମାଲକାନଗିରି ଜିଲା ଖଇରପୁଟ ବ୍ଲକ ବଣ୍ଡାଘାଟିରେ ମାଥିଲି ବନାଞ୍ଚଳ ପକ୍ଷରୁ ବଣ୍ଡା ଘାଟିର ମୁଦୁଲିପଡା ପଞ୍ଚାୟତ ସଭାଗୃହରେ ଆମ ଜଙ୍ଗଲ ଯୋଜନା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଛି। ବଣ୍ଡାଘାଟିରେ ମୁଦୁଲିପଡା ଓ ଅଣ୍ଡରାହାଲ ପଞ୍ଚାୟତର ୩୨ଟି ଗ୍ରାମର ଗ୍ରାମବାସୀଙ୍କୁ ଜଙ୍ଗଲ ବୃଦ୍ଧି ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ। ମାଥିଲି ବନାଞ୍ଚଳ ଅଧିକାରୀ ପର୍ଶୁରାମ ଭୂମିଆ ମୁଖ୍ୟ ଅତିଥି, ବଣ୍ଡା ଘାଟି ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ମୁଦୁଲି ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଙ୍ଗଲ ଦ୍ୱାରା ଆମ ପରିବେଶ ଓ ଜଳବାୟୁ ସନ୍ତୁଳନ ରହିବ ବୋଲି ପରାମର୍ଶ ଦେଇଥିଲେ। ବୈଠକରେ ବନପାଳ ମୁରଲୀଧର ଅନୁଗୁଳିଆ, ଦେବାଶିଷ ପ୍ରଧାନ, ବନରକ୍ଷୀ ଅଲ୍ଲୀ ମହମ୍ମଦ ଖାନ, ପାରା କର୍ମଚାରୀ ଭଗୁ କିର୍ଷାନି, ବଣ୍ଡା ଉନ୍ନୟନ ବିଭାଗ ଅନିମେଟର ହାଡ଼ି ମୁଦୁଲି ଓ ଆମ ଜଙ୍ଗଲ ସୃଷ୍ଟି ବିଭାଗ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଥାନାରେ ପହଞ୍ଚିଲା ୨ ବନ ବିଭାଗ କର୍ମଚାରୀଙ୍କ ଘରୋଇ ଅଶାନ୍ତି

ମାଲକାନଗିରି, ୨୨।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ବନ ବିଭାଗରେ କାର୍ଯ୍ୟରତ ଦୁଇ କର୍ମଚାରୀଙ୍କ ଘରେ ବିଭିନ୍ନ ସମୟରେ ପାରିବାରିକ କଳହ ରହିଥିବାବେଳେ ଏବେ ସ୍ଥିତି ଅସମ୍ଭାଳ ହୋଇଛି। ଉଭୟ ପରିବାର ଭିତରେ ଆରୋପ ପ୍ରତ୍ୟାରୋପ ଏବେ ଥାନନାରେ ପହଞ୍ଚିଛି। ମାଲକାନଗିରି ଥାନାରେ ପୃଥକ ମାମଲା ରୁଜୁ ହୋଇଛି।

ମାଲକାନଗିରି ବନ ଖଣ୍ଡରେ କାର୍ଯ୍ୟରତ କନିଷ୍ଠ କିରାଣୀ ରାକେଶ ପଣ୍ଡା ସ୍ତ୍ରୀ ଗୀତାଞ୍ଜଳିଙ୍କୁ ବିଭିନ୍ନ ସମୟରେ ଯୌତୁକ ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ଗିତାଞ୍ଜଳି ତାଙ୍କ ମା'ଙ୍କୁ ଏକଥା ଜଣାଇଥିଲେ। ବୁଧବାର ଗୀତାଞ୍ଜଳିଙ୍କୁ ତାଙ୍କ ମା' ଫୋନ କରିବାରୁ ଲାଗି ନ ଥିଲା। ତେଣୁ ସେ ପଡିଶା ଘରକୁ ଫୋନ କରି ଜାଣିବାକୁ ପାଇଥିଲେ ଯେ, ସ୍ୱାଇଁ ରାକେଶ ଝିଅକୁ ବିଷ ଦେଇ ପରେ ଫ୍ୟାନରେ ଝୁଲାଇ ମାରିବାକୁ ଚେଷ୍ଟା କରିଛନ୍ତ। ଗୀତାଞ୍ଜଳି ମାଲକାନଗିରି ଡାକ୍ତରଖାନାରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଗୀତାଳିଙ୍କ ମା' ଡାକ୍ତରଖାନାରେ ପହଞ୍ଚି ତାଙ୍କୁ କୋରାପୁଟ ନେଇଥିଲେ। ଏହି ଘଟଣା ପରେ ରାକେଶ ମଧ୍ୟ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୀତାଞ୍ଜଳିଙ୍କ ମା'ସ୍ୱାଇଁ ରାକେଶ ଓ ସମୁଦୁଣୀ ସରସ୍ୱତୀ ପଣ୍ଡାଙ୍କ ନାମରେ ମାଲକାନଗିରି ଥାନାରେ ଏତଲା ଦେଇଥିଲେ। ପରେ ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ ଘଟଣାର ତଦନ୍ତ କରି ରାକେଶ ଏବଂ ସରସ୍ୱତୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

**ପୃଥକ୍ ମାମଲା**
- ବୋହୂକୁ ନିର୍ଯାତନା ଦେଇ ମା-ପୁଅ କୋର୍ଟ ଚାଲାଣ
- ସ୍ୱାମୀକୁ ମରଣାନ୍ତକ ଆକ୍ରମଣ କରି ସ୍ତ୍ରୀ ଗିରଫ

ସେହିପରି ଅନ୍ୟ ଏକ ମାମଲାରେ ମାଲକାନଗିରି ବନଖଣ୍ଡରେ କାର୍ଯ୍ୟରତ ବାପି ମଣ୍ଡଳଙ୍କୁ ତାଙ୍କ ସ୍ତ୍ରୀ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିରେ ବାପିଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଛି। ଗୁରୁତର ଅବସ୍ଥାରେ ବାପିଙ୍କୁ ମାଲକାନଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବାପିଙ୍କ ବାପା ଏ ନେଇ ମାଲକାନଗିରି ଥାନାରେ ଏତେଲା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ କରି ବାପିଙ୍କ ପୁଅ ଓ ଝିଅଙ୍କ ବୟାନ ରେକଡ କରିଛି। ସେମାନଙ୍କ ବୟାନ ଅନୁଯାୟୀ ପୋଲିସ ବାପିଙ୍କ ସ୍ତ୍ରୀ ନମିତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ନମିତାଙ୍କ ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି।




କାଲିମେଳା ଯାତ୍ରୀ ପ୍ରତୀକ୍ଷାଳୟ ।

## ଜରାଜୀର୍ଣ୍ଣ ଅବସ୍ଥାରେ ଯାତ୍ରୀ ପ୍ରତୀକ୍ଷାଳୟ

କାଲିମେଳା, ୨୨।୧୧(ଡି.ଏନ୍.ଏ)

ମାଲକାନଗିରି ଜିଲା କାଲିମେଳା ସଦର ବସ୍‌ଷ୍ଟାଣ୍ଡରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟଟି ପ୍ରାୟ ଏକ ବର୍ଷରୁ ଅଧିକ ଦିନ ଧରି ଅବହେଳିତ ଅବସ୍ଥାରେ ପଡିରହିଛି। ଯାତ୍ରୀ ପ୍ରତୀକ୍ଷାଳୟରେ ଥିବା ଚେୟାରଗୁଡିକ ଭାଙ୍ଗିରୁଜି ଗଲାଣି। କାଲିମେଳା ବସ୍‌ଷ୍ଟାଣ୍ଡ ପରିସରରେ ପ୍ରଶାସନ ପକ୍ଷରୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏହି ପ୍ରତୀକ୍ଷାଳୟଟି ଯାତ୍ରୀଙ୍କ ସେବାରେ ଲାଗୁନାହିଁ। କେହି ଦୁର୍ବୃତ୍ତ ପ୍ରତିକ୍ଷାଳୟରେ ଥିବା ଚେୟାରଗୁଡ଼ିକୁ ଭାଙ୍ଗି ଦେଇଥିବା ଅଭିଯୋଗ ହେଉଛି। ଉକ୍ତ ପ୍ରତୀକ୍ଷାଳୟର ମରାମତି ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ଅଞ୍ଚଳବାସୀଙ୍କ ପକ୍ଷରୁ ବ୍ଲକ କର୍ତ୍ତୃପକ୍ଷଙ୍କୁ ବହୁବାର ଅଭିଯୋଗ କରାଯାଇଥିଲେ ମଧ୍ୟ ଏ ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ପ୍ରଶାସନ ଏହାକୁ ମରାମତି କରି ଲୋକଙ୍କ ପାଇଁ ପୁନର୍ବାର କାର୍ଯ୍ୟକ୍ଷମ କରାଇବାକୁ ଦାବି ହୋଇଛି।

## ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଅଧାପନ୍ତରିଆ




କାମ ପାଇଁ ରାସ୍ତା ଖନନ କରାଯାଇଛି ।

ପାରଳାଖେମୁଣ୍ଡି, ୨୨।୧୧(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ଫରେଷ୍ଟ ଗେଟ୍‌ଠାରୁ ଗୁମ୍ମା ନାଳ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ସ୍ଥାନୀୟ ଗଜପତି ଷ୍ଟାଡିୟମ ନିକଟରେ ରାସ୍ତାର ଏକ ପାର୍ଶ୍ୱରେ କାମ ପାଇଁ ଖାଲ ଖୋଳାଯାଇଥିବାବେଳେ ଦୀର୍ଘଦିନ ଧରି ଏହା ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି । ଏହା ସହରର ଅନ୍ୟତମ ମୁଖ୍ୟରାସ୍ତା ହୋଇଥିବାରୁ ଦିନତମାମ ହଜାର ହଜାର ଗାଡ଼ି ଚଳାଚଳ କରିଥାଏ । ସନ୍ଧ୍ୟା ସମୟରେ କାର୍ଯ୍ୟ ସ୍ଥାନରେ ଆଲୋକ ବ୍ୟବସ୍ଥା ନ ଥିବାରୁ ଗାଡ଼ି ଚାଳକମାନେ ହଠାତ ଖାଲ ଦେଖି ନ ପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହିପରି ରାସ୍ତା ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଶହୀଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ମାଲକାନଗିରି/ମାଥିଲି/ବାଲିମେଳା, ୨୨।୧୧((ଡି.ଏନ୍.ଏ.)

**ଶହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ**



ବାଲିମେଳାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀମାନେ।

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ କନିଷ୍ଠ ମହିଳା ମହାବିଦ୍ୟାଳୟରେ ଜିଲାସ୍ତରୀୟ ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୧୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଦୁଷ୍ମନ୍ତ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଧାୟକ ମାନସ ମାଡ଼କାମି, ଜିଲାପାଳ ମନୀଷ ଅଗ୍ରୱାଲ, ଖଣ୍ଡୀୟ ବନାଧିକାରୀ ପ୍ରଦୀପ ଦେବଦାସ ମୀରାସେ, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ମିଶ୍ର ଏବଂ ପୌର ପରିଷଦର ନିର୍ବାହୀ ଅଧିକାରୀ ଏମ୍.ନୀଳକଣ୍ଠ ନାଇଡୁ ପ୍ରମୁଖ ଉପସ୍ଥିତ ଥିଲେ। ଭାରତ ଛାଡ଼ ଆନ୍ଦୋଳନରେ ଶହୀଦଙ୍କ ଭୂମିକା ଉପରେ ଅତିଥି ଆଲୋକପାତ କରିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ଛାତ୍ରୀଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏଥିପୂର୍ବରୁ ସ୍ଥାନୀୟ ତହସିଲ, ପୌର ପରିଷଦ, ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମାଥିଲି ବ୍ଲକ କାର୍ଯ୍ୟାଳୟରେ ଗୁରୁବାର ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ସମସ୍ତ କର୍ମଚାରୀ ଓ ରାଜନୈତିକ ଦଳର ପ୍ରତିନିଧିମାନେ ସାମିଲ ହୋଇଥିଲେ। ଏହି ଅବସରରେ ଶହୀଦ ଲକ୍ଷ୍ମଣଙ୍କ ସ୍ମୃତିଚାରଣ କରାଯାଇଥିଲା। ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ନାୟକ, ଜିଲା ପରିଷଦ ସଭ୍ୟ ବାଲରାଜୁ କପେ, ମାଥିଲି ସରପଞ୍ଚ ଗୌରୀ ବଟେ, ଡବ୍ଲୁଇଓ ଶଶିକାନ୍ତ ସାମନ୍ତରାୟ, ପିଇଓ ସୁକାନ୍ତ କେଶରୀ ଦାସ, ୱାର୍ଡମେମ୍ବର ରୋହିତ ବେହେରାଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ମଧ୍ୟ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ ହାଇଯାଇଛି। ଅଧକ୍ଷ କେଏନ୍ ସୁବୁଦ୍ଧି ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅମୂଲ୍ୟ ପ୍ରଧାନ, ବିଜୟ ମହାନ୍ତି, ଚିତ୍ତରଞ୍ଜନ ପଟ୍ଟନାୟକ, ସରୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବଣ୍ଡା ଅଞ୍ଚଳରେ ସଚେତନତା ବାର୍ତ୍ତା ଦେଲା ଯୁବ ବାହିନୀ

ମାଲକାନଗିରି, ୨୨।୧୧(ଡି.ଏନ୍.ଏ.)




ସଚେତନତା ଶିବିରରେ ବିଜୁ ଯୁବ ବାହିନୀ ସହ ବଣ୍ଡା ଜନଜାତି।

ବିଜୁ ଯୁବ ବାହିନୀ ପକ୍ଷରୁ ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମୁଦୁଲିପଡା ଓ ଅଣ୍ଡ୍ରାହାଲ ବଣ୍ଡାଘାଟିରେ ରାଜ୍ୟ ଯୁବ କଲ୍ୟାଣ ପରିଷଦ ପକ୍ଷରୁ ପରିମଳ, ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଞ୍ଚଳରେ ବସବାସ କକରୁଥିବା ବଣ୍ଡା ଜନଜାତିଙ୍କୁ ପରିମଳ ଏବଂ ସ୍ୱଚ୍ଛତା ସମ୍ବନ୍ଧରେ ବିଜୁ ଯୁବ ବାହିନୀ ସଚେତନ କରାଇଥିଲା। ଉକ୍ତ ଅଞ୍ଚଳର ପରିବେଶ ପ୍ରତି ବଣ୍ଡା ଜନଜାତି ସଚେତନ ନ ଥିବାରୁ ସେଠାରେ ଡେଙ୍ଗୁ, ମାଲେରିଆ ଭଳି ରୋଗ ଅଧିକ ହେଉଛି। ସଚେତନ ଅଭାବରୁ ଲୋକେ ଏଠାରେ ରୋଗରେ ପଡି ପ୍ରାଣ ହରାନ୍ତି ବୋଲି ସେମାନଙ୍କୁ ସଚେତନ କରାଯାଇଛି। ଏହି ସବୁ ରୋଗରୁ ମୁକ୍ତି ପାଇବାକୁ ହେଲେ ପରିଷ୍କାର ରହିବା ଆବଶ୍ୟକ ବୋଲି ସେମାନଙ୍କୁ ବୁଝା ଯାଇଥିଲା। ଏଥିସହ ମଶାରୀ ଟାଙ୍ଗି ଶୋଇବା, ବିଶୁଦ୍ଧ ପାନୀୟ ଜଳ ବ୍ୟବହାର, ଜର ହେଲେ ଡାକ୍ତର କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ପରାମର୍ଶ ନେବାକୁ ସଚେତନତା କରା ଯାଇଥିଲା। ବାଲ୍ୟ ବିବାହ ପ୍ରଥା ରୋକିବା, ମଦ୍ୟପାନ, ଗୁଟୁଖା ନିଷେଧ, ବାହ୍ୟ ମଳତ୍ୟାଗ ବନ୍ଦ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଖଇରପୁଟ ବ୍ଲକ ବିଜୁ ଯୁବ ବାହିନୀ ସଭାପତି ମଙ୍ଗଳା ମାନ୍ଦ୍ରା, ସମ୍ପାଦକ ସନ୍ତୋଷ କିର୍ସାନୀ, ବ୍ଲକ ସଂଯୋଜକ କାମରାଜ ଦେଶିୟାନାୟକଙ୍କ ସମେତ ଯୁବ ବାହିନୀ ସଦସ୍ୟମାନେ ଉପସ୍ଥିତ ଥିଲେ।

## ମାଥିଲିରେ ହେଲା ପ୍ରଥମ କଲ୍ୟାଣମଣ୍ଡପ

ମାଥିଲି, ୨୨।୧୧ (ଡି.ଏନ୍.ଏ.)



ମାଥିଲିସ୍ଥିତ କଲ୍ୟାଣ ମଣ୍ଡପ।

ମାଥିଲି ଅଞ୍ଚଳରେ କୌଣସି ମାଙ୍ଗଳିକ କାର୍ଯ୍ୟ, ସଭା ସମିତି କରିବାକୁ କଲ୍ୟାଣ ମଣ୍ଡପଟିଏ ନ ଥିଲା। ଫଳରେ ସ୍ଥାନୀୟ ଲୋକଙ୍କୁ ନାନା ଅସୁବିଧା ହେଉଥିଲା। ସ୍ଥାନୀୟ ଅଞ୍ଚଳରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରି ଆସୁଥିଲେ। ତେବେ ମାଥିଲି ପିଇଓ ଅଶୋକ ମହାରଣା, ସରପଞ୍ଚ ଗୌରୀ ବଟେ, ଜିଲା ପରିଷଦ ସଭ୍ୟ ବାଲରାଜୁ କପେ ମାଥିଲି ବ୍ଲକ ସଦରରେ କଲ୍ୟାଣ ମଣ୍ଡପ ପାଇଁ ପ୍ରଶାସନକୁ ପ୍ରସ୍ତାବ ଦେଇଥିଲେ। ଏହାକୁ ଗ୍ରହଣ କରାଯିବା ପରେ ପଞ୍ଚାୟତର ୧୪ ସିଏଫସି ଯୋଜନାରେ ୩୨ ଲକ୍ଷ ବ୍ୟୟରେ ମଣ୍ଡପ ନିର୍ମାଣ କରାଯାଇଛି। ପ୍ରକାଶ ଯେ, ମାଥିଲି ବ୍ଲକ ସଦରସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଭବନ ପାର୍ଶ୍ୱରେ ପଞ୍ଚାୟତ ପକ୍ଷରୁ ନୂତନ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଛି। ୧୪ ସିଏଫସି ଯୋଜନାରେ ୩୨ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଏହି କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଥିବା ପଞ୍ଚାୟତ ପକ୍ଷରୁ ସୂଚନା ଦିଆଯାଇଛି। ସ୍ଥାନୀୟ ଅଞ୍ଚଳରେ ମଣ୍ଡପ ନ ଥିବାରୁ ଲୋକେ କୌଣସି ମାଙ୍ଗଳିକ କାର୍ଯ୍ୟ ପାଇଁ ଶହୀଦ ଲକ୍ଷ୍ମଣ ନାୟକ ଭବନକ ଭଡାରେ ନେଉଥିଲେ। କିନ୍ତୁ ଏହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ତେଣୁ ଏକ ଆଧୁନିକ ଢାଞ୍ଚାରେ ନିର୍ମିତ କଲ୍ୟାଣ ମଣ୍ଡପ ପାଇଁ ସ୍ଥାନୀୟ ଲୋକେ ଦାବି କରି ଆସୁଥିଲେ। ମାଙ୍ଗଳିକ କାର୍ଯ୍ୟ ପାଇଁ ଏହି ମଣ୍ଡପକୁ ଭଡାରେ ଦେଇ ପଞ୍ଚାୟତ ରାଜସ୍ୱ ଆଦାୟ କରିବାକୁ ଲକ୍ଷ୍ୟ ରଖିଛି। ଉକ୍ତ ମଣ୍ଡପରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ବୋଲି ପଞ୍ଚାୟତ ପକ୍ଷରୁ କୁହାଯାଇଛି। ଏହି କଲ୍ୟାଣ ମଣ୍ଡପ ପରେ ଅଞ୍ଚଳବାସୀଙ୍କ ମଧରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ପଞ୍ଚାୟତର ଏହି ଉଦ୍ୟମକୁ ଲୋକେ ପ୍ରଶଂସା କରିଛନ୍ତି।




ଆନନ୍ଦର ନୂଆ ଶିଖରକୁ ଛୁଅନ୍ତୁ ...




**ମାଲିସ୍ କଣ ଅଟେ?**
ଏହା ପ୍ରାଚୀନ ସମୟରୁ ଚାଲି ଆସୁଥିବା ଚାପ ଦୂର କରିବା ପାଇଁ, ଆରାମ ପ୍ରଦାନ କରିବା ଏବଂ ଶାରିରୀକ ପ୍ରଣାଳୀର ସୁଧାରରେ ସହାୟକ ଲୋକପ୍ରିୟ ବୈଜ୍ଞାନିକ ସ୍ୱାସ୍ଥ୍ୟବର୍ଦ୍ଧକ ପ୍ରକ୍ରିୟା ଅଟେ।

**ଷ୍ଟେ-ଅନ୍‌ର ପାୱାର ତେଲ କଣ ଅଟେ?**
ଏହା ମାଲିସ୍‌ର ପ୍ରକ୍ରିୟାକୁ ଆହୁରି ଅଧିକ ଫଳପ୍ରଦ କରୁଥିବା ତେଲରେ କଲୌଞ୍ଜି, ଗୋଖରୁ, ଅଶ୍ୱଗନ୍ଧା ତଥା ୨ ଟି ଆୟୁର୍ବେଦିକ ମିଶ୍ରିତ ଔଷଧ ଅଟେ।

**ଷ୍ଟେ-ଅନ୍‌ର ପାୱାର ତେଲ ଦ୍ୱାରା ମାଲିସ୍ କିପରି କରିବେ ?**
ସର୍ବପ୍ରଥମେ ଶରୀରର ସେହି ଅଂଶକୁ ଉଷୁମ ପାଣି ଦ୍ୱାରା ଧୋଇ ଦିଅନ୍ତୁ। ଏହାପରେ ଷ୍ଟେ-ଅନ୍‌ର ତେଲର କିଛି ବୁନ୍ଦାକୁ ପାପୁଲିରେ ନେଇ ହାଲୁକା ହାତରେ ମୂଳକୁ ଛାଡ଼ି ଉପଯୁକ୍ତ ଅଂଶର ମାଲିସ୍ କରନ୍ତୁ। ଉତ୍କୃଷ୍ଟ ପରିଣାମ ପାଇଁ ନିୟମିତ ଶୋଇବା ପୂର୍ବରୁ ଏହାର ବ୍ୟବହାର କରନ୍ତୁ ଓ ଆରାମର ଏକ ଅତୁଳନୀୟ ଅନୁଭବ ପାଆନ୍ତୁ।

ଷ୍ଟେ-ଅନ୍® ପାୱାର ଅଏଲ୍

Helpline : 022-23423155

ଷ୍ଟେ-ଅନ୍ : କ୍ୟାପ୍‌ସୁଲ୍, ଓରାଲ୍ ଲିକ୍ୱିଡ୍, ସ୍ପ୍ରେ ପ୍ୟାକ୍ ମଧ୍ୟ କେମିଷ୍ଟରେ ଉପଲବ୍ଧ ଅଟେ।



DADLS-190



ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨୩ ନଭେମ୍ବର, ୨୦୧୮

**ସାଧାରଣ ସଭା**

ସମୟ - ସଂଧ୍ୟା ୫.୩୦ ମି. | ସ୍ଥାନ - ଜୟଦେବ ଭବନ

ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମଲ,
ମାନ୍ୟବର ମହିଳା ଶିଶୁ ବିକାଶ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ, ମିଶନ୍ ଶକ୍ତି, ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ

ସମ୍ମାନିତ ଅତିଥି - ଶ୍ରୀଯୁକ୍ତ ପ୍ରଶାନ୍ତ ମୁଦୁଲି,
ମାନ୍ୟବର ବିଧାୟକ, ବାଲିକୁଦା-ଏରସମା

ମୁଖ୍ୟବକ୍ତା - ଦାଶ ବେନହୁର,
ବିଶିଷ୍ଟ ଶିକ୍ଷାବିତ୍

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସଭା ପରେ ସାଇ ସଙ୍ଗୀତ ଅନୁଷ୍ଠାନ ତରଫରୁ ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯିବ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ମାଳତୀ ଦେବୀ-ନବକୃଷ୍ଣ ଚୌଧୁରୀ ଟ୍ରଷ୍ଟଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ଉପନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0415/1819

